## ସଂକ୍ଷେପରେ

### ଡାବୁଗାଁର ବିଭିନ୍ନ ଅଞ୍ଚଳ କଣ୍ଟେନମେଣ୍ଟ

ଡାବୁଗାଁ, ୭।୧୦ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ଓ ବଡଓଲମା ପଞ୍ଚାୟତରେ ୫ ଜଣ କରୋନା ପଜିଟିଭ୍ ମଙ୍ଗଳବାର ଓ ବୁଧବାର ଚିହ୍ନଟ ହୋଇଛନ୍ତି। ବୁଧବାର ଡାବୁଗାଁ ପଞ୍ଚାୟତ ନୂଆଗୁଡା ଗ୍ରାମ ଓ ବଡଓଲମା ପଞ୍ଚାୟତ ଭାଲୁଗୁଡା ଗ୍ରାମରୁ ୧ ଜଣ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି ମଙ୍ଗଳବାର ବଡଓଲମା ପଞ୍ଚାୟତର ଡାବ୍ରିଗୁଡା ଗ୍ରାମରେ ୩ ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ମିଳିଛି। ପରେ ଡାବୁଗାଁ ପଞ୍ଚାୟତ ନୂଆଗୁଡା ଗ୍ରାମର ଅବକାରୀ କାର୍ଯ୍ୟାଳୟରୁ ବାଲାଜୀ ପାତ୍ରଙ୍କ ଘର ପର୍ଯ୍ୟନ୍ତ, ଭାଲୁଗୁଡା ଗ୍ରାମର ସମ୍ପୂର୍ଣ୍ଣ ତଳସାହି ଏବଂ ଡାବ୍ରିଗୁଡା ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି କଣ୍ଟେନମେଣ୍ଟ ଜୋନ ଆସନ୍ତା ୧୭ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି।

### କୋରାପୁଟରୁ ୪୩ ପଜିଟିଭ, ଜଣେ ମୃତ

କୋରାପୁଟ,୭।୧୦(ସ୍ୱ.ପ୍ର.)-କୋରାପୁଟ ଜିଲାରୁ ବୁଧବାର ୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ଜିଲାରୁ ୬୯ ବର୍ଷର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ବୁଧବାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ୨୦ ମହିଳା ଓ ୨୩ ପୁରୁଷ ରହିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୫, ପୂର୍ବ ପଜିଟିଭ ସଂସ୍ପର୍ଶରେ ଆସି ୨୬ ଜଣ ଓ ୧୦ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କଟକ, ୩ ଜଣ ନବରଙ୍ଗପୁର ଓ ଜଣେ ଭୁବନେଶ୍ୱର ଫେରନ୍ତା ରହିଛନ୍ତି। ସେହିପରି ସଂକ୍ରମିତଙ୍କ ମଧ୍ୟରେ ଜୟପୁର ମ୍ୟୁନିସପାଲଟିରୁ ୬, କୋରାପୁଟ ମ୍ୟୁନିସପାଲଟିରୁ ୭ ଜଣ, ସୁନାବେଡା ମ୍ୟୁନିସପାଲଟିରୁ ୪ ଜଣ ଓ କୋଟପାଡ ଏନଏସିରୁ ୩ ଜଣ ରହିଛନ୍ତି। କୋରାପୁଟ ବ୍ଲକରୁ ୩, ବୈପାରିଗୁଡାରୁ ୧, ବୋରିଗୁମ୍ମାରୁ ୫, ଜୟପୁରରୁ ୩, ଦଶମନ୍ତପୁରରୁ ୩, କୁନ୍ଦୁରାରୁ ୧, ଲକ୍ଷ୍ମୀପୁର, ନନ୍ଦପୁର ବ୍ଲକରୁ ୩ ଜଣ ଲେଖାଏ ଓ ସେମିଲିଗୁଡାରୁ ଜଣେ ସଂକ୍ରମିତ ରହିଛନ୍ତି।

### କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

ଗୁଣପୁର,୭।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅଧୀନ ସିଲିମ ଗ୍ରାମର ଜଣେ ଯୁବକ ବୁଧବାର କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୁଡାରି ବ୍ଲକ୍ ଅଧୀନ ସିଲିମ ଗ୍ରାମର ହାଣ୍ଟି କାଡ୍ରାକା(୨୪)। ସୂଚନା ଅନୁଯାୟୀ, ହାଣ୍ଟି ସକାଳେ କୌଣସି କାରଣକୁ ନେଇ କୀଟନାଶକ ପିଇ ଅଚେତ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଗୁଡାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବଜ୍ରପାତରେ ଜଣେ ମୃତ

ଚିତ୍ରକୋଣ୍ଡା,୭।୧୦(ଡି.ଏନ୍.ଏ.)- ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳର ଯନ୍ତ୍ରୀ ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ସୋମା ପାଙ୍ଗିଙ୍କ ପୁଅ ଭୀମ ପାଙ୍ଗି(୧୮)। ସୂଚନା ଅନୁଯାୟୀ, ଅପରାହ୍ନରେ ହଠାତ ବଜ୍ରପାତ ଘଟିଥିବାବେଳେ ଭୀମ ଘଟଣାସ୍ଥଳରେ ଟଳିପଡ଼ିଥିଲେ।

# କୃଷି ବିଲ୍‌କୁ ବିରୋଧକରି କଂଗ୍ରେସର ବିକ୍ଷୋଭ

ଜୟପୁର, ୭।୧୦(ଡି.ଏନ.ଏ./ନି.ପ୍ର.)



ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ ନେତା ଓ କର୍ମୀମାନେ।

କେନ୍ଦ୍ର ସରକାର ଅଗଣତାନ୍ତ୍ରିକ ଭାବେ ପାର୍ଲାମେଣ୍ଟରେ ତିନୋଟି କୃଷି ବିରୋଧୀ ବିଲ୍‌କୁ ମଞ୍ଜୁର କରାଇଛନ୍ତି। ଏହା ଦେଶ ପାଇଁ କଳା ଆଇନ ସଦୃଶ। ତୁରନ୍ତ ଏହି ୩ଟି କୃଷି ବିଲ୍‌କୁ ପ୍ରତ୍ୟାହାର କରିବାକୁ ଜିଲା କଂଗ୍ରେସ ଦାବି କରିଛି। ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସହକାରୀ ଜିଲାପାଳ ଜ୍ୟୋତିରାଣୀ ରଥଙ୍କୁ ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରୁ ଦଳୀୟ କର୍ମୀ ଓ ନେତାମାନେ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସହକାରୀ ଜିଲାପାଳଙ୍କୁ ଦାବି କରିଥିଲେ। କୃଷକଙ୍କ ଦ୍ୱାରା ଉତ୍ପାଦିତ ଫସଲର ବ୍ୟବସାୟ ଏବଂ ପରିବହନ ବିଲ୍, କୃଷକଙ୍କୁ କ୍ଷମତା, ସୁରକ୍ଷା ଏବଂ ଉପଯୁକ୍ତ କୃଷିଜାତ ଦ୍ରବ୍ୟର ମୂଲ୍ୟ ପ୍ରଦାନ ବିଲ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ବିଲ୍‌କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାର୍ଲାମେଣ୍ଟର ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ତରବରିଆ ଭାବେ ମଞ୍ଜୁର କରାଯାଇଛି। ଏହି ବିଲ୍ ଲାଗୁ ହେଲେ ଚାଷୀମାନେ ତଳିତଳନ୍ତ ହୋଇଯିବେ। ବ୍ୟବସାୟୀ, ମଧ୍ୟସ୍ଥମାନେ ଚାଷୀମାନଙ୍କୁ ଶୋଷଣ କରିବେ। ମଣ୍ଡିଗୁଡିକ ବନ୍ଦ ହୋଇଯିବ । ଫଳରେ ଚାଷୀଙ୍କ ସମେତ କୃଷି ଶ୍ରମିକ, ମଣ୍ଡିରେ କାର୍ଯ୍ୟରତ କର୍ମଚାରୀ, ଶ୍ରମିକ, ଛୋଟ ପରିବହନ ଗାଡ଼ି ମାଲିକ,

**ସହକାରୀ ଜିଲାପାଳଙ୍କୁ ଦାବିପତ୍ର**

କର୍ମଚାରୀ ପ୍ରମୁଖ ବେକାର ହୋଇଯିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କ୍ଷୁଦ୍ରଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ଅତ୍ୟାବଶ୍ୟକ ସାମଗ୍ରୀ ଯଥା: ପିଆଜ, ଆଳୁ ଏବଂ ଡାଲିର ଦର ଉପରେ ସରକାର ନିୟନ୍ତ୍ରଣ ନ ରଖିଲେ ଏହାର ଦାମ୍ ଆକାଶଛୁଆଁ ହେବ। ଏଥିରେ ସାଧାରଣ ଲୋକେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ବିନୋଦ ମହାପାତ୍ର, କାନ୍ତ ପାଢୀ, ମଦନ ନାୟକ, ନରେନ୍ଦ୍ର ମହାନ୍ତି, ନିହାର ବିଷୋୟୀ, ନଳିନୀ ରଥ, ବାଲାଜୀ ମାଦଳା, ସୁକାନ୍ତ ପଟ୍ଟନାୟକ, ଜି.ଅରୁଣା, ମୈତ୍ରୀ ଗାଣ୍ଡା ଓ ତୁଳାରାମ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ମଝିଘରିଆଣୀଙ୍କ ହୁଣ୍ଡିରୁ ବାହାରିଲା ୬୩.୯୭ ଲକ୍ଷ

ରାୟଗଡ଼ା ଅଫିସ,୭।୧୦

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ଦାନହୁଣ୍ଡି ଦୀର୍ଘ ୧୧ମାସ ପରେ ବୁଧବାର ଖୋଲିଛି। ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ହୁଣ୍ଡି ଖୋଲାଯାଇ ଦାନ ଟଙ୍କା ଗଣତି କରାଯାଇଛି। ହୁଣ୍ଡିରୁ ମୋଟ ୬୩ ଲକ୍ଷ ୯୭ ହଜାର ୫୫୦ ଟଙ୍କା ସଂଗ୍ରହ ହୋଇଛି। ସେହିପରି ଗୋଟିଏ ୧ ଡଲାର(ଆମେରିକୀୟ) ମୁଦ୍ରା, ୫ ଡଲାର(ଆମେରିକୀୟ) ମୁଦ୍ରା, ୨ଟି ୧୦୦ ଡଲାର(ଆମେରିକୀୟ) ମୁଦ୍ରା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଓମାନର ଗୋଟିଏ ୧୦୦ ବାଇସା, ୧ ରିଆଲ୍(କତାରି), ୫୨୩ ପୁରୁଣା ୫ଶହ ଟଙ୍କିଆ ଏବଂ ଗୋଟିଏ ପୁରୁଣା ୧ହଜାର ଟଙ୍କିଆ ନୋଟ୍ ସମେତ ୨୪ ଗ୍ରାମ୍ ସୁନା, ୩.୪ କେଜି ରୁପା ବାହାରିଥିବା କମିଟି ଅଧ୍ୟକ୍ଷ ରାଇସିଂ ବିଡିକା ସୂଚନା ଦେଇଛନ୍ତି। କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ ରହିଛି। କିନ୍ତୁ ଶ୍ରଦ୍ଧାଳୁ ବାହାରୁ ମା'ଙ୍କୁ ଦାନ

**ମିଳିଲା ଆମେରିକା, ଓମାନ, କାତାର ମୁଦ୍ରା**

ଦେଇଯାଉଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୫ରେ ଶେଷଥର ପାଇଁ ମା'ଙ୍କ ହୁଣ୍ଡି ଖୋଲାଯାଇଥିଲା। ସେ ସମୟରେ ୫୪ ଲକ୍ଷ ୫୧ ହଜାର ୨୯୪ ଟଙ୍କା, ୪୫.୭ ଗ୍ରାମ୍ ସୁନା ଏବଂ ୧କେଜି ୮୭୦ଗ୍ରାମ୍ ରୁପା ଅଳଙ୍କାର ବାହାରିଥିଲା। ସୂଚନାଯୋଗ୍ୟ, ମା'ଙ୍କ ଦର୍ଶନ ପାଇଁ ରାଜ୍ୟ, ଦେଶ ଏବଂ ବିଦେଶରୁ ଶ୍ରଦ୍ଧାଳୁ ଆସିବା ସହ ମନ୍ଦିର ଉନ୍ନତି ପାଇଁ ଦାନ କରିଥାନ୍ତି। ଦାନହୁଣ୍ଡି ଗଣତି କାର୍ଯ୍ୟରେ ପ୍ରାୟ ୫୦ ଜଣ ନିୟୋଜିତ ହୋଇଥିଲେ। ଏହି ସମୟରେ କମିଟି ସଦସ୍ୟ ରାଧାକୃଷ୍ଣ ଦଳେଇଙ୍କ ସମେତ ଏଣ୍ଡାମେଣ୍ଟ ଇନ୍ସପେକ୍ଟର ସୁକାନ୍ତ କୁମାର ପୂଜାରୀ ଏବଂ ଅତିରିକ୍ତ ତହସିଲଦାର ସୁନୀଲ ଖୋରା ଉପସ୍ଥିତ ଥିଲେ। ଦାନଟଙ୍କା ବ୍ୟାଙ୍କରେ ଜମାହେବ। ପରବର୍ତ୍ତୀ ସମୟରେ ମନ୍ଦିର ଉନ୍ନତିରେ ଏହା ଲାଗିବ ବୋଲି ସୂଚନା ମିଳିଛି।


ସ୍ୱେଚ୍ଛାସେବୀମାନେ ଟଙ୍କା ଗଣତିରେ ସାହାଯ୍ୟ କରୁଛନ୍ତି।

# ବିନା ତାଲିମରେ ଚାଲିଛି ଜଡ଼ିବୁଟି ଚିକିତ୍ସା

ମାଲକାନଗିରି,୭।୧୦(ଡି.ଏନ୍.ଏ.):

ଚିକିତ୍ସା ବିଜ୍ଞାନରେ ବହୁ ଉନ୍ନତି ଘଟିଲାଣି। ରୋଗ ନିରୂପଣ ପାଇଁ ଅନେକ ଆଧୁନିକ ଯନ୍ତ୍ରପାତି ଉପଲବ୍ଧ ରହିଛି। ହେଲେ ଆଦିବାସୀ ଅଞ୍ଚଳରେ ଏବେବି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିନାହିଁ। ତେଣୁ ଅଞ୍ଚଳରେ ବିନା ତାଲିମରେ ଯେକୌଣସିବ୍ୟକ୍ତିଡାକ୍ତର ପାଲଟିଯାଉଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅଧୀନ ଦୁରାଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଘଟଣା।

ଡୁମୁସାପାଲ୍ଲୀ ଗ୍ରାମର ରାମଚନ୍ଦ୍ର

**ସ୍କୁଲ ଜଗୁଆଳି ସାଜିଛନ୍ତି ବାବା ରାମଚନ୍ଦ୍ର**

ସୋଡି ଜଣେ ଶିକ୍ଷିତ ଯୁବକ। ପୂର୍ବରୁ ଆଦର୍ଶ ବିଦ୍ୟାଳୟରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ଏବେ କରୋନା ପରିସ୍ଥିତିରେ ସ୍କୁଲ, କଲେଜ ବନ୍ଦ ଯୋଗୁ ସେ ରୋଜଗାର ପାଇଁ ବାବା ରାମଚନ୍ଦ୍ର ପାଲଟିଯାଇଛନ୍ତି। ଭିନ୍ନ ଉପାୟରେ ଦୋରାଗୁଡ଼ା ଗ୍ରାମରେ ସେ ଲୋକଙ୍କୁ ଚିକିତ୍ସା ଚଳାଇଛନ୍ତି। ଏ ନେଇ ତଥାକଥିତ ବାବା ରାମଚନ୍ଦ୍ରଙ୍କ କହିବା ହେଲା, ଚିକିତ୍ସା ବିଜ୍ଞାନର କୌଣସି ତାଲିମ ନ ନେଇ ମଧ୍ୟ ସେ ରୋଗ ଠିକ୍ କରିପାରୁଛନ୍ତି। ବାତ, ଅପସ୍ମାର, କିଡ୍‌ନୀ ରୋଗ, ପକ୍ଷାଘାତ ଆଦି ରୋଗର ସେ ଜଡ଼ିବୁଟି ଚିକିତ୍ସା କରୁଛନ୍ତି। ଲୋକଙ୍କ ଭିଡ଼ ଯୋଗୁ ସେ ଟୋକେନ୍ ବ୍ୟବସ୍ଥା କରି ଚିକିତ୍ସା ଚଳାଇଛନ୍ତି। ଗ୍ରାମବାସୀ ମଧ୍ୟ ସଚେତନତାର ଅଭାବ ଯୋଗୁ ବାବାଙ୍କୁ ବିଶ୍ୱାସକରି ଏଠାରେ ପହଞ୍ଚୁଥିବା ଦେଖାଯାଇଛି। ତେବେ ବିନା ତାଲିମରେ ଏଭଳି ଚିକିତ୍ସା ଲୋକଙ୍କ ଜୀବନ ପ୍ରତି ବିପଦ ସାଜିପାରେ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ଧରାପଡ଼ିଲେ ୪

#### ୨୬ହଜାର ଟଙ୍କା, ୩ ବାଇକ, ୨ ମୋବାଇଲ ଜବତ

ଜୟପୁର, ୭।୧୦(ଡି.ଏନ୍.ଏ.)

ଜୟପୁର ଟାଉନଥାନା ପୋଲିସ ମଙ୍ଗଳବାର ରାତିରେ ସୌରା ସାହି ତ୍ରିପତି ପାଣିଗ୍ରାହୀଙ୍କ ଗୃହରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢାଉ କରିଛି। ଏଥିରେ ଘର ମାଲିକଙ୍କ ସମେତ ୪ଜଣ ଜୁଆଡିଙ୍କୁ ଥାନାକୁ ଅଣାଯାଇଥିଲା। ସେମାନଙ୍କଠାରୁ ୨୬ହଜାର ୧୨୦ ଟଙ୍କା, ୨ଟି ମୋବାଇଲ ଏବଂ ୩ଟି ବାଇକ(ଓଡି-୧୦ଏଚ-୧୦୧୧, ଓଡି-୧୮ଡି-୬୬୭୨, ଓଡି-୧୦ଏଚ-୧୪୪୪) ଜବତ କରାଯାଇଛି। ସମସ୍ତଙ୍କୁ ନୋଟିସ କରାଯାଇ ଛଡାଯାଇଛି ବୋଲି ଥାନାଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

### କାନ୍ସ ପାଇଁ 'ଅଭିଳାଷ' ମନୋନୀତ

ହିଞ୍ଜିଳିକାଟୁ,୭।୧୦(ଡି.ଏନ୍.ଏ)

ଲକଡାଉନ୍‌ରେ ସାମାଜିକ ବାର୍ତ୍ତା ଦେଉଥିବା ହିଞ୍ଜିଳିକାଟୁ ସହରରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଭିଳାଷ' ବିଭିନ୍ନ ଅନ୍‌ଲାଇନ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଛି। ଏବେ ଏହା କାନ୍ସ ଫିଲ୍ମ ଫେଷ୍ଟିଭାଲ କ୍ଷୁଦ୍ର ଚଳଚ୍ଚିତ୍ର କାଟାଗୋରୀ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିବା ଏହାର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ସାହୁ କହିଛନ୍ତି। ଫ୍ରାନ୍ସରେ ପ୍ରଦର୍ଶିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶର ୮୪ଟି ଚଳଚ୍ଚିତ୍ର ଶେଷକୁ ଉନ୍ନୀତ ହୋଇଛନ୍ତି। ଅନ୍‌ଲାଇନ ଦର୍ଶକଙ୍କ ଭୋଟ ସହ ଜୁରୀ ମାନଙ୍କ ଚୟନରେ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଚଳଚ୍ଚିତ୍ର ମନୋନୀତ ହେବ। ଭାରତର ଆଗଧାଡିର ଚଳଚ୍ଚିତ୍ର ନିର୍ମାତା ପ୍ରକାଶ ଝା ଏହି ପ୍ରତିଯୋଗିତାରେ ଅନ୍ୟତମ ଜୁରୀ ଭାବେ ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଶୁଭମ୍ ଅପୂର୍ବ ଏହି ଚଳଚ୍ଚିତ୍ରକୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗାଇଡ୍ କରିଛନ୍ତି। ଚଳଚ୍ଚିତ୍ରର ଶେଷ ପର୍ଯ୍ୟାୟରେ ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ଭୋଟ ଦେବାକୁ ଫିଲ୍ମ ନିର୍ଦ୍ଦେଶକ କହିଛନ୍ତି।

# ଆଜିଠୁ ଜିଲା ଯୁବ ସଙ୍ଗଠନର ଅନିର୍ଦ୍ଦିଷ୍ଟ କାଳ ଧାରଣା

ଜୟପୁର, ୭।୧୦(ଡି.ଏନ୍.ଏ.)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଦସ୍ୟମାନେ।

ସହରର ୧୮ଟି କମ୍ୟୁନିଟି ଶୌଚାଳୟର ରକ୍ଷଣାବେକ୍ଷଣ ଏବଂ ସଫେଇ ଦାୟିତ୍ୱ ୧୮ଟି ଏସ୍‌ଏଚ୍‌ଜିକୁ ଦେବାକୁ ଗତ ଜୁନ୍ ୧୩ରେ ଜିଲାପାଳ ଅନୁମୋଦନ କରିଥିଲେ। ଏହାକୁ ୪ ମାସ ବିତିଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହେଉନାହିଁ। ଏହା ବିରୋଧରେ ଗୁରୁବାରଠାରୁ କୋରାପୁଟ ଜିଲା ଯୁବ ସଙ୍ଗଠନ ତରଫରୁ ପୌରସଂସ୍ଥା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ବୁଧବାର ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ତଥା ଅନୁମୋଦନକୁ ଜୟପୁର ପୌରସଂସ୍ଥା ପାଳନ କରନ୍ତୁ ବୋଲି ଯୁବ ସଙ୍ଗଠନ ଆବାହକ ରବୀନ୍ଦ୍ର ମହାପାତ୍ର କହିଛନ୍ତି।

ଅଗଷ୍ଟ ୨୦ତାରିଖରେ ୯ଟି କମ୍ୟୁନିଟି ଶୌଚାଳୟକୁ ନେଇ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ଏସ୍‌ଏଚ୍‌ଜି ମହିଳାମାନେ ସାମିଲ ହେବା ସହ ୫ହଜାର ଟଙ୍କା ଲେଖାଏ ଅମାନତ ରାଶି ପୈଠ କରିଥିଲେ ସୁଦ୍ଧା ସେମାନଙ୍କୁ କାର୍ଯ୍ୟାଦେଶ ମିଳିନାହିଁ। ସେହିପରି

**ଖବରଦାତା ସମ୍ମିଳନୀରେ ଦେଲେ ସୂଚନା**

ସହରର ଜୟନଗର ନେତାଜୀ ପାର୍କ ଏବଂ ପାରାବେଢାସ୍ଥିତ ଶିଶୁପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଗତ ଜୁନ୍ ମାସରେ ଅଗ୍ରିମ ଅମାନତ ରାଶି ନେଇ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜୁଲାଇ ୩୦ ତାରିଖରେ ଏହାକୁ ଖାରଜ କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ପୌର କାଉନସିଲ ନ ଥିବା ବେଳେ ଏହାର ଅଧ୍ୟକ୍ଷ ଜିଲାପାଳ ରହିଛନ୍ତି । କିନ୍ତୁ କେଉଁ ପରିସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଏହାକୁ ଖାରଜ କଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ଉପଜିଲାପାଳ ହେମକାନ୍ତ ସଏ କହିଛନ୍ତି, ଏସ୍‌ଏଚ୍‌ଜିଙ୍କୁ ପ୍ରଦାନ କରାଯାଇଥିବା କମ୍ୟୁନିଟି ଶୌଚାଳୟଗୁଡିକର ମରାମତି କାର୍ଯ୍ୟ ଚାଲିଛି। କାମ ଶେଷହେବା ପରେ ଅନୁମୋଦନ ହୋଇଥିବା ଗ୍ରୁପ୍‌ଗୁଡ଼ିକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବ । ସମସ୍ତ କାମ ସରକାରଙ୍କ ନିୟମ ମୁତାବକ ପାଳନ କରାଯାଉଛି ବୋଲି ସେ କହିଛନ୍ତି।

### ୧୩ରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ତାଲିକା ପ୍ରକାଶ

#### ଗୁଣପୁର କଲେଜ

ଗୁଣପୁର,୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜର ଯକ୍ତତିନି ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ମଙ୍ଗଳବାର ଶେଷହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ ୧୩ରେ କଟ୍ ଅଫ୍ ଲିଷ୍ଟ ପ୍ରକାଶ ପାଇବ। ୧୩ରୁ ୧୬ ମଧ୍ୟରେ ନାମଲେଖା ପ୍ରକ୍ରିୟା ଚାଲିବ। ଏଥିରେ ସମସ୍ତ ସିଟ୍ ପୂରଣ ହେବ ବୋଲି କଲେଜ କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ପ୍ରଥମ ପର୍ଯ୍ୟାୟରେ କଳାରେ ୨୫୬ ସିଟ୍‌ରୁ ୧୭୩ ଟି ପୂରଣ ହୋଇଛି। ବିଜ୍ଞାନରେ ୧୯୨ରୁ ୧୩୮ ଜଣ ନାମ ଲେଖାଇଛନ୍ତି। ସେହିପରି ବାଣିଜ୍ୟରେ ୧୬୦ ସିଟ୍‌ରୁ ମାତ୍ର ୧୬ଟି ପୂରଣ ହୋଇଥିବା ଜଣାପଡ଼ିଛି।

### ଅଟୋରେ ଯାଆଁଳା ଶିଶୁ ଜନ୍ମଦେଲେ ଗର୍ଭବତୀ

ଟିକିରି,୭।୧୦(ଡି.ଏନ୍.ଏ.)

ସରକାରଙ୍କ ପକ୍ଷରୁ ଅନେକ ଯୋଜନା କରାଯାଉଛି। କିନ୍ତୁ ଉପାନ୍ତ ଅଞ୍ଚଳର ଲୋକେ ଏଥିରୁ ବଞ୍ଚିତ ହେଉଛନ୍ତି। ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ୍‌କୁ ଏ ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ ହୋଇପାରି ନାହିଁ; ଯଦ୍ଦ୍ୱାରା ରୋଗୀ ଏବଂ ଗର୍ଭବତୀଙ୍କ ନିକଟରେ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ। ଏଥିଯୋଗୁ ଅନେକ ସମୟରେ ରୋଗୀ ଏବଂ ଗର୍ଭବତୀଙ୍କୁ ବୋହି ନିଆଯାଉଥିବା ନଜରକୁ ଆସୁଛି। ସେହିପରି ଡାକ୍ତରଖାନା ନେବା ବାଟରେ ପ୍ରସବ ଘଟଣା ଏଠାରେ ନିତିଦିନିଆ କଥା ପାଲଟିଛି। ଜିଲାର କାଶୀପୁର ବ୍ଲକ୍‌ରେ ପୁଣି ଏଭଳି ଏକ ଦୁର୍ଭାଗ୍ୟଜନକ ଘଟଣା ସାମ୍ନାକୁ ଆସିଛି।

କାଶୀପୁର ବ୍ଲକ୍ ବାଙ୍କାମ୍ବ ପଞ୍ଚାୟତ ଅଧୀନ ତଳ କୋଡ଼ିଙ୍ଗା ଗ୍ରାମର ମନୋହର

**୨ଶିଶୁ ଅସୁସ୍ଥ**

ମୁଦୁଲିଙ୍କ ସ୍ତ୍ରୀ ସୁବତିଙ୍କ ପ୍ରସବ ବେଦନା ହେବାରୁ ଆଶା ଦିଦିଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା। ଆମ୍ବୁଲାନ୍ସ ମଧ୍ୟ ବାହାରିଥିଲା। ହେଲେ ଗାଁ ରାସ୍ତାର ଅବସ୍ଥା ଖରାପ ଯୋଗୁ ଗାଡ଼ିଟି ଆଗକୁ ଯାଇପାରି ନ ଥିଲା। ତେଣୁ ଗ୍ରାମର ଏକ ଅଟୋରିକ୍ସାରେ ତାଙ୍କୁ ଟିକିରି ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ବାଟରେ ମାଙ୍କଡ଼ଖୋଲା ନିକଟରେ ସୁବତି ଅଟୋରେ ଯାଆଁଳା ଶିଶୁ(ପୁତ୍ର ଏବଂ କନ୍ୟା)ଙ୍କୁ ଜନ୍ମ ଦେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଟିକିରି ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଦୁଇ ଶିଶୁ ଅସୁସ୍ଥ ଥିବାରୁ ଉଭୟଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ଡ୍ରେସ୍ ବଣ୍ଟନ ବେଳେ ରହିଲାନି ସାମାଜିକ ଦୂରତା

ଜୟପୁର, ୭।୧୦(ଡି.ଏନ୍.ଏ.)


ଟାଙ୍କୁ ପଞ୍ଚାୟତସ୍ଥିତ ଏକ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଉଛି।

ସବୁଠି ଏବେ ମହାମାରୀ କରୋନା କାୟା ବିସ୍ତାର କରି ରହିଛି। ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ହିଁ କରୋନାରୁ ଦୂରେଇ ରଖିବାରେ ସହାୟତା କରିବ। ଏହାକୁ କିନ୍ତୁ କୋରାପୁଟରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ଛୋଟ ପିଲାଙ୍କୁ ଡ୍ରେସ ବଣ୍ଟନ ବେଳେ ସାମାଜିକ ଦୂରତା ରକ୍ଷା କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଜୟପୁର ବ୍ଲକରେ ୨ ତାରିଖରୁ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ଡ୍ରେସ ବଣ୍ଟନ କରାଯାଉଛି। ସାମାଜିକ ଦୂରତା ନ ରଖି ବିନା ମାସ୍କରେ ଗହଳି ଭିତରେ ଡ୍ରେସ ବଣ୍ଟନକୁ ବୁଦ୍ଧିଜୀବୀ ଓ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ପ୍ରକାଶ ଯେ, ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କ ପାଇଁ ପ୍ରତ୍ୟେକଙ୍କୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ୨ଟି ଲେଖାଏ ୟୁନିଫର୍ମ ମିଳିବ। ସେହିପରି ଜୟପୁର ବ୍ଲକ ଏବଂ ପୌରସଂସ୍ଥାର ସମୁଦାୟ ୩୨୬ଟି ଅଙ୍ଗନୱାଡି କେନ୍ଦ୍ରର ୬ହଜାର ଶିଶୁଙ୍କ ନିମନ୍ତେ ୬ଟି ମହିଳା

**କୋଭିଡ୍ କଟକଣାକୁ ଫୁ**

ସ୍ୱୟଂସହାୟକ ଗ୍ରୁପ ୟୁନିଫର୍ମ ପ୍ରଦାନ କାମ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ୟୁନିଫର୍ମ ପ୍ରତି ୧୦୦ ଟଙ୍କା ଲେଖାଏ ସରକାରଙ୍କ ପକ୍ଷରୁ ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଛି। କିନ୍ତୁ ଉକ୍ତ ୟୁନିଫର୍ମଗୁଡିକ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚାଇବା ବଦଳରେ ପଞ୍ଚାୟତର ମୁଖ୍ୟାଳୟରେ କୌଣସି ଗୋଟିଏ ସ୍ଥାନରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ଡକାଯାଇ ପ୍ରଦାନ କରାଯାଉଛି। ସେହିପରି ପୌରାଞ୍ଚଳର ୪୧ଟି କେନ୍ଦ୍ରକୁ ୟୁନିଫର୍ମ ପଠା ନ ଯାଇ ଟାଉନହଲ୍‌ରେ ସମସ୍ତ କେନ୍ଦ୍ରର କର୍ମୀମାନଙ୍କୁ ଡକାଯାଇ ପ୍ରତ୍ୟେକ କେନ୍ଦ୍ରର ନିର୍ଦ୍ଧାରିତ ପରିମାଣର ୟୁନିଫର୍ମ ପ୍ରଦାନ କରାଯାଇଥିଲା। ଏସ୍‌ଏଚ୍‌ଜିମାନେ ନିୟମ ଖିଲାପ କରିଥିବା ଅଭିଯୋଗ ହୋଇଛି। ଜୟପୁର ବ୍ଲକ ବିଭାଗୀୟ ସିଡିପିଓ ପ୍ରତିଭା ରାଣୀ ତ୍ରିପାଠୀଙ୍କୁ ପଚାରିବାରୁ ଡ୍ରେସ ସବୁ ପଞ୍ଚାୟତ ମୁଖ୍ୟାଳୟରେ ବଣ୍ଟନ କରାଯାଇଥିବା ନେଇ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଥିବା ନେଇ ସ୍ପଷ୍ଟ କରି ନାହାନ୍ତି।

### ମାଲକାନଗିରି ଜିଲାରୁ ୮୨ ପଜିଟିଭ ଚିହ୍ନଟ

ମାଲକାନଗିରି,(ଡି.ଏନ୍.ଏ.):

ମାଲକାନଗିରି ଜିଲାରୁ ବୁଧବାର ୮୨ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ମାଲକାନଗିରି ପୌରାଞ୍ଚଳରୁ ୨୫ଜଣ, ବାଲିମେଳା ଏନ୍‌ଏସି ଅଞ୍ଚଳରୁ ୫, ମାଥିଲି ବ୍ଲକ୍‌ରୁ ୬, ମାଲକାନଗିରି ବ୍ଲକ୍‌ରୁ ୧୩, କୋରକୋଣ୍ଡାରୁ ୩, ପଡ଼ିଆରୁ ୧୨, କାଲିମେଳାରୁ ୯, ଖଇରପୁଟରୁ ୨ ଏବଂ ଚିତ୍ରକୋଣ୍ଡାରୁ ୭ ଜଣ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୯୯୬ରେ ପହଞ୍ଚିଛି। ସେଥିମଧ୍ୟରୁ ୩୪୭୮ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୧୨ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୫୦୬ ଜଣ ଚିକିତ୍ସିତ ଥିବା ଜିଲାପାଳ ମନିଷ୍ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ରାସ୍ତା ବଦଳରେ ଜମି ଦେଇ ପାଣି ପାଇପ୍ ନିଆଯାଉ

ତେନ୍ତୁଳିଖୁଣ୍ଟି, ୭।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଓ ନନ୍ଦାହାଣ୍ଡି ବ୍ଲକର ୨୬ ପଞ୍ଚାୟତବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ୨୭୫କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଉଛି। ଏହି ପ୍ରକଳ୍ପ ପାଇଁ ପାଇପ ବିଛା କାମ ଜାରି ରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାରରୁ ପାଇପ୍ ଯୋଗେ ଟାଙ୍କିକୁ ପାଣି ଉଠାଇ ବିଭିନ୍ନ ପଞ୍ଚାୟତକୁ ପଠାଯିବ। ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳାଗଲେ ବିଭିନ୍ନ ଅସୁବିଧା ହେଉଛି। ରାସ୍ତା ଖୋଳି ପାଇପ୍ ବିଛାଇବାର ବିକଳ୍ପ ବ୍ୟବସ୍ଥା କରିବାକୁ ପରଜାବାରଙ୍ଗ ସରପଞ୍ଚ ବିଜୟ ଝୋଡିଆଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

ପାଇପ ବିଛାଇବା ପାଇଁ କରାଯାଉଥିବା ଖନନ କାର୍ଯ୍ୟ

**ମେଗା ଜଳଯୋଗାଣ ପ୍ରକଳ୍ପ**

ଯୋଗୁ ଗୃହ ନିର୍ମାଣ ବିଭାଗର ରାସ୍ତା ତଥା ନେଟ୍ ଯୋଗାଇବା ପାଇଁ ବିଛାଯାଇଥିବା କେବୁଲ ପ୍ରଭାବିତ ହେଉଛି। ଏହି ଖୋଳାଖୋଳି ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡୁଛି। ଫଳରେ ବିଭିନ୍ନ ଦୁର୍ଘଟଣା ଘଟୁଛି।

ବର୍ତ୍ତମାନ ଏହା ଖାତିଗୁଡା ଦେଇ ବାରଙ୍ଗପଦର ପର୍ଯ୍ୟନ୍ତ ପାଇପ ବିଛାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଫାଟାଗୁଡା ମିଲ୍ ପାଖରୁ ପାଇକଦାରଙ୍ଗ ପଦର ପେଟ୍ରୋଲ ପମ୍ପ ନିକଟରେ ପାଇପ ବିଛା ଅଟକିଛି। ରାସ୍ତା ଖୋଳାଯିବା ସମୟରେ ପାଣି ପାଇପ୍ ଫାଟିଗଲେ ଇନ୍ଦ୍ରାବତୀ ପ୍ରକଳ୍ପ କଲୋନୀକୁ ଦିଆଯାଉଥିବା ଜଳଯୋଗାଣ ବ୍ୟବସ୍ଥା ବ୍ୟାଘାତ ହେବ। ସେହିଭଳି ନିକଟ ଅତୀତରେ ବହୁ ଘାତ ପ୍ରତିଘାତ ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ଡ୍ରେନେଜ୍ ବ୍ୟବସ୍ଥା କରାଯାଇଥିଲା। ପାଇପ ଲାଇନ୍ ବିଛାଯିବା ପାଇଁ ଗାତ ଖୋଳାଗଲେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ। ତାର ପୁନଃ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ତେଣୁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ପାଇପ୍ ନ ନେଇ ଜମି ଦେଇ ପ୍ରକଳ୍ପ କଲୋନୀର ମୁଖ୍ୟରାସ୍ତା ପଛ କଲୋନୀ ମଧ୍ୟରେ ନେଲେ ଜନସାଧାରଣ କ୍ଷତିରୁ ବଞ୍ଚିତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ପାଇପ ବିଛାଇବା ବେଳେ କ୍ଷତି ହେଉଥିବା ଜମି ମାଲିକଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

